**ସଂକ୍ଷେପରେ**

## କେରଳ ବନ୍ୟା ପୀଡ଼ିତଙ୍କ ପାଇଁ ୬୦ ହଜାର ସହାୟତା

**କୋରାପୁଟ,୧୪।୯(ସ୍ୱ.ପ୍ର.):** କୋରାପୁଟ ସହରର ସୁନି ମୁସଲିମ ୟୁଥ ଆସୋସିଏସନ ଦ୍ୱାରା କେରଳ ବନ୍ୟା ପୀଡ଼ିତାଙ୍କ ପାଇଁ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ୟୁଥ ଆସୋସିଏସନ ପକ୍ଷରୁ କେରଳ ସରକାରଙ୍କ ଉଦ୍ଦେଶ୍ୟରେ ସେଠାକାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଜମାଖାତାରେ ଟଙ୍କା ପୈଠ କରାଯାଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଜମା ରସିଦ ପ୍ରଦାନ କରାଯାଇଛି। ସୁନି ମୁସଲିମ ୟୁଥ ଆସୋସିଏସନର ସଭାପତି ଶେଖ ରୋଶନ, ସାଧାରଣ ସଂପାଦକ ଏସ୍.କେ. ଅଲ୍ଲୀ, ଉପସଭାପତି ଏସ୍.କେ. ମଦିନା, ସଦସ୍ୟ ଏସ୍.କେ. କାସିମ, କୁଦରତ ଖାନ, ଏସ୍.କେ. ଅବତାବ, ଅବଦୁଲ ଜିଲାନି ଜିଲାପାଳଙ୍କୁ ସାକ୍ଷାତ କରିଛନ୍ତି।

## ଫୁଟବଲ ଟୁର୍ନାମେଣ୍ଟ: ସୌରାଗୁଡ଼ା ଚାମ୍ପିୟନ

**ଜୟପୁର,୧୪।୯(ଡି.ଏନ୍.ଏ.):** ଜୟପୁର ବ୍ଲକ ଉମୁରୀ ସ୍ଥିତ ସନ୍ତୋଷୀମାଇ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସୌରାଗୁଡ଼ା ଦଳ ୪-୩ ପେନାଲଟି ଟାଇବ୍ରେକରରେ ଗାଗନାପୁର ଦଳକୁ ହରାଇ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ମ୍ୟାଚ୍ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ପେନାଲଟି ସୁଟଆଉଟରେ ସୌରାଗୁଡ଼ା ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ସମ୍ମାନିତ ଅତିଥି ଭାବେ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ରେଫରି ଭାବେ ଜି. କୋଟେଶ୍ୱର ରାଓ, ଲାଇନମ୍ୟାନ ଭାବେ ମୃତ୍ୟୁଞ୍ଜୟ ମାଝି, ଅସିତ ମିଶ୍ର, ଯଶୟନ ଧାନଫୁଲ ମ୍ୟାଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉପଖଣ୍ଡ କ୍ରୀଡ଼ା ସଂଘ ସଂପାଦକ ରବି ନାୟକ ଉପସ୍ଥିତ ଥିଲେ ।

## ଓମ୍‌ପ୍ରକାଶଙ୍କୁ ସମ୍ବର୍ଦ୍ଧନା

**ଜୟପୁର,୧୪।୯(ଡି.ଏନ୍.ଏ.):** ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଓମ୍‌ପ୍ରକାଶ ମିଶ୍ର କେନ୍ଦ୍ର ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ଶିକ୍ଷକ ପୁରସ୍କାର ପାଇ ଦିଲ୍ଲୀରୁ ଫେରିବା ପରେ ବୁଧବାର ନିଜ ବିଦ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଶିକ୍ଷକ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଶିକ୍ଷକ ମିଶ୍ର ମଧ ନିଜ ଶିକ୍ଷକତା ଅନୁଭୂତିରୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ପ୍ରଭାତ ରଥ ଧନ୍ୟବାଦ ଦେଇଥିବା ବେଳେ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଦିଲୀପ ପଣ୍ଡା, ଜୟପ୍ରକାଶ ମିଶ୍ର, ଯଜ୍ଞେଶ୍ୱର ପଣ୍ଡା, ବିଶ୍ୱରଞ୍ଜନ ଗୌଡ଼, ଏନ. ପଦ୍ମାବତୀ, ଶୁଭସ୍ମିତା ସାହୁ, ସୁବର୍ଣ୍ଣ ଖିଲ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ଗୃହ କାନ୍ଥ ପଡ଼ି ବାଳକ ମୃତ

**ଜୟପୁର,୧୪।୯(ଡି.ଏନ୍.ଏ./ନି.ପ୍ର.)**


ପରିତ୍ୟକ୍ତ ଘରର କାନ୍ଥ ଭୁଶୁଡ଼ି ପଡିଛି ।

ଶୁକ୍ରବାର ଜୟପୁର ଫରେଷ୍ଟ କଲୋନୀ ସ୍ଥିତ ଏକ ପରିତ୍ୟକ୍ତ ସରକାରୀ ବାସଗୃହର କାନ୍ଥ ଭାଙ୍ଗି ଜଣେ ବାଳକଙ୍କ ଉପରେ ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସମରା ରଣାଙ୍କ ୮ ବର୍ଷର ପୁଅ ଚନ୍ଦ୍ର। ପୂର୍ବାହ୍ନରେ ଚନ୍ଦ୍ର ଓ ତାଙ୍କର ୨ ସାଙ୍ଗ ଉକ୍ତ ଗୃହ ପାର୍ଶ୍ୱରେ ଖେଳୁଥିବା ବେଳେ ଇଟା କାନ୍ଥ ଭାଙ୍ଗି ତାଙ୍କ ଉପରେ ପଡ଼ିଥିଲା । ଚନ୍ଦ୍ର କାନ୍ଥ ତଳେ ଚାପି ହୋଇଯାଇଥିବା ବେଳେ ତାଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରିବା ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ପରିବାର ଲୋକେ କ୍ଷତି ପୂରଣ ଦାବି କରିବାରୁ ଉତ୍ତେଜନା ଦେଖାଯାଇଥିଲା । ପରେ ଟାଉନ ଥାନା ପୋଲିସ ସେଠାରେ ପହଞ୍ଚି ଜିଲା ଚିକିତ୍ସାଳୟରେ ମୃତଦେହର ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଚନ୍ଦ୍ର ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ବାପା କୁଲିକରି ପରିବାର ଚଳାଉଥିଲେ।

### ଅନେକ ବିଭାଗର ସରକାରୀ ଗୃହ ଅସୁରକ୍ଷିତ

ସରକାରୀ ଗୃହଗୁଡ଼ିକ ଅସୁରକ୍ଷିତ ଓ ଅବ୍ୟବହୃତ ହୋଇ ରହିଥିଲେ ସୁଦ୍ଧା ସମ୍ପୃକ୍ତ ବିଭାଗ ଏହାକୁ ଭାଙ୍ଗିବା ବ୍ୟବସ୍ଥା କରୁନାହିଁ। ଫଳରେଏହାଅନେକସମୟରେଦୁର୍ଘଟଣାର କାରଣ ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜୟପୁରରେ ଅଡିଟ, ଟ୍ରେଜେରୀ, ଇରିଗେସନ, ଏଲଆଇସି, ଓଏଟପିସି, ରାଜସ୍ୱ ବିଭାଗର ଅନେକ ସରକାରୀ ବାସଗୃହ ଅସୁରକ୍ଷିତ ଅବସ୍ଥାରେ ରହିଛି।

# କୀଟନାଶକ ପିଇ ୨ ଗୁରୁତର

**କୋରାପୁଟ,୧୪।୯(ସ୍ୱ.ପ୍ର.)**

- କୋରାପୁଟ ମେଡିକାଲରେ ଭର୍ତ୍ତି
- ଜଣେ ଚାଷୀ ଏବଂ ଜଣେ ମହିଳା

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକରେ ପୁଣି ୨ ଜଣ ଚାଷୀ ନିଜ ଜୀବନ ହାରିବା ପାଇଁ ଉଦ୍ୟମ କରିଛନ୍ତି। ବ୍ଲକର ଭିନ୍ନ ଭିନ୍ନ ପଞ୍ଚାୟତର ଏହି ୨ ଜଣ ଚାଷୀ କୀଟନାଶକ ପିଇ ଗୁରୁତର ହୋଇଥିଲେ। ସେମାନଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଛି। ହାଟଗୁଡ଼ା ଗ୍ରାମପଞ୍ଚାୟତ ରାମନାୟକପୁଟ ଗ୍ରାମର ପଦଲାମ ଖରା ଶୁକ୍ରବାର ଘରେ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ଏହା ଜାଣିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କୁନ୍ଦୁଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସେଠାରୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେ ଚଳିତ ବର୍ଷ ନିଜ ଜମିରେ ଅଦା ଚାଷ କରିଥିଲେ। ସମ୍ଭବତଃ ଚାଷରେ କ୍ଷତି କିମ୍ବା ଋଣବୋଝ ଯୋଗୁଁ ସେ ଏଭଳି କରିଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଖୁଡି ପଞ୍ଚାୟତ ପରଜାଖୁଡି ଗ୍ରାମରେ ରାଧା ସିଡ୍ରାବୋଇ ନାମକ ଜଣେ ମହିଳା ଶୁକ୍ରବାର କୀଟନାଶକ ପିଇଦେଇଥିଲେ। ଏ କଥା ସ୍ୱାମୀ ସନୁ ସିଡ୍ରାବୋଇ ଜାଣିବା ପରେ ତାଙ୍କୁ ପ୍ରଥମେ କୁନ୍ଦୁଲି ମେଡିକାଲ ଓ ପରେ ଅବସ୍ଥା ଗମ୍ଭୀର ହେବାରୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ସେ କାହିଁକି କୀଟନାଶକ ପିଇଲେ, ତାହାର କାରଣ ସ୍ପଷ୍ଟ ହୋଇନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏଇ ନିକଟରେ ସେମିଳିଗୁଡ଼ାର ବ୍ଲକ ଅଞ୍ଚଳର ଜଣେ ଚାଷୀ ବିଷପିଇ ଜୀବନ ହାରିଥିଲେ।

# ଗୋଷ୍ଠୀକେନ୍ଦ୍ରର ଶୁଭଦେଲେ ବିଧାୟକ

**ଜୟପୁର,୧୪।୯(ନି.ପ୍ର.)**


ବିଧାୟକ ବାହିନୀପତି ଖ୍ରୀଷ୍ଟିଆନପେଟାରେ ଗୋଷ୍ଠୀକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

ଜୟପୁର ଖ୍ରୀଷ୍ଟିଆନପେଟାରେ ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଦେଇଛନ୍ତି। ସଂଖ୍ୟାଲଘୁଙ୍କ ପାଇଁ ଉଦ୍ଦିଷ୍ଟ ଏହି ଗୋଷ୍ଠୀ ଓ ସାଂସ୍କୃତିକ କେନ୍ଦ୍ର ୧୭ ଲକ୍ଷ ଟଙ୍କା ବ୍ୟୟରେ ତିଆରି ହେବ। ଜୟପୁର ପୌର ପରିଷଦର ମଞ୍ଜୁରି ସହ ଏହା ନିର୍ମାଣ କରାଯାଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ଜୟପୁର ପିଏ ଆଇଟିଡିଏ ନିର୍ମାଣ କରୁଥିବା ବେଳେ କେତେକ ଯୁବକ ଏହାକୁ ବିରୋଧ କରିଥିଲେ। ସେମାନଙ୍କୁ ଜୟପୁର ଟାଉନ ପୋଲିସ ଅଟକାଇଥିଲା। କେନ୍ଦ୍ର ନିର୍ମାଣ ହେବା ଦିଗରେ ସ୍ଥାନୀୟ କାଉନସିଲର ପ୍ରଫୁଲ୍ଲ ଭତ୍ରାଙ୍କ ଉଦ୍ୟମକୁ ବିଧାୟକ ପ୍ରଶଂସା କରିବା ସହ ନିର୍ଦ୍ଦିଷ୍ଟ ସମୟ ଭିତରେ ନିର୍ମାଣ କାମ ସାରିବା ପାଇଁ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିହାର ବିଷୋୟୀ, ନରେନ୍ଦ୍ର ମହାନ୍ତି, ଗଙ୍ଗା ସାହୁ, ସୁକାନ୍ତ ପଟ୍ଟନାୟକ, ବ୍ରଜ ନାଗଙ୍କ ସହ ଖ୍ରୀଷ୍ଟିଆନପେଟା ଅଞ୍ଚଳର ଯୁବକମାନେ ଉପସ୍ଥିତ ଥିଲେ। ସେହିପରି ଜୟପୁର ବ୍ଲକ ଅଧୀନ କଙ୍ଗା ପଞ୍ଚାୟତର ଦଳେଇଗୁଡ଼ା ଗ୍ରାମରେ ମଧ ବିଧାୟକ ନୂତନ ଗୋଷ୍ଠୀକେନ୍ଦ୍ରର ଶୁଭାରମ୍ଭ କରିଥିଲେ।

## ହିନ୍ଦୀ ଦିବସ ପାଳିତ

**ଜୟପୁର,୧୪।୯(ଡି.ଏନ୍.ଏ.)**

ଜୟପୁର ଜଗଦିଶ ଚନ୍ଦ୍ର ନାୟକ ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଛି । ପ୍ରଧାନଶିକ୍ଷକ ତ୍ରିନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ରାଜଶେଖର ରାଓ, ସଂଗୀତଜ୍ଞ ଧୀରେନ ମୋହନ ପଟ୍ଟନାୟକ ଯୋଗ ଦେଇଥିଲେ । ଜୟପୁର ଅଞ୍ଚଳରେ ହିନ୍ଦୀର ପ୍ରଚାର ଓ ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ସ୍ୱର୍ଗତ ହିନ୍ଦୀ ଶିକ୍ଷକ ଏନ. ଭେଙ୍କଟରମଣାଙ୍କ ସ୍ମୃତି ଚାରଣ କରାଯାଇଥିଲା। ଜାତୀୟ ଭାଷା ଜାଣିବା ଦେଶର ସମସ୍ତ ନାଗରିକ କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ । ହିନ୍ଦୀ ଶିକ୍ଷକ ମହମ୍ମଦ ସରିଫ, ଉମାକାନ୍ତ ମହାରଣା, ମୁରଲି ପ୍ରସାଦ ମହାପାତ୍ର, ଗଣେଶ୍ୱର ମିଶ୍ର, ବିଜୟ ପଣ୍ଡା, ପ୍ରତାପ ପଟ୍ଟନାୟକ, ବାସୁଦେବ ସେନାପତି, ରାଧାମୋହନ ପଣ୍ଡା ଉପସ୍ଥିତ ଥିଲେ। ଅତିଥି ରାଜ ଶେଖର ଏବଂ ପ୍ରଧାନଶିକ୍ଷକ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମୋକ୍ଷ ପ୍ରାପ୍ତି ପାଇଁ ଋଷି ପଞ୍ଚମୀ


ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି ।

**ଜୟପୁର,୧୪।୯(ନି.ପ୍ର.)**

ମୋକ୍ଷ ପ୍ରାପ୍ତି ପାଇଁ ଶୁକ୍ରବାର ବୟସ୍କା ମହିଳାମାନେ ଋଷି ପଞ୍ଚମୀ ପାଳନ କରିଛନ୍ତି। ଜୟପୁର ବାଙ୍କମଠରେ ବୟସ୍କାମାନେ ଏକତ୍ରିତ ହୋଇ ପୂଜା କରିବା ସହ ନିର୍ଜଳ ଉପବାସ ରଖିଥିଲେ। ସପ୍ତଋଷିଙ୍କୁ ମହିଳାମାନେ ପୂଜା କରିବା ସହ ପୁରାଣ ପାଠ କରାଯାଇଥିଲା । ପୂଜକ ସନ୍ତୋଷ କୁମାର ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନକ କରିଥିବା ବେଳେ ଫଳଭୋଗ ଲାଗି ହୋଇଥିଲା । ଜୟପୁର ଓ ବୋରିଗୁମ୍ମା ଅଞ୍ଚଳର ୬୦ରୁ ଅଧିକ ମହିଳା ଏଥିରେ ଉପସ୍ଥିତ ଥିଲେ। ରାସବିହାରି ସାମନ୍ତରାୟ ପୂଜା ପରିଚାଳନା କରିଥିଲେ।

▪ ସ୍ତ୍ରୀଙ୍କୁ ଛୁରିମାରି ନିଜେ ଆତ୍ମହତ୍ୟା ଉଦ୍ୟମ ଘଟଣା

# ମେଡିକାଲରୁ ଡିସ୍‌ଚାର୍ଜ ହେବା ପରେ ସ୍ୱାମୀ ଗିରଫ

**ଜୟପୁର,୧୪।୯(ନି.ପ୍ର.)**

ଜୟପୁର ସହରର ଜୟନଗରଠାରେ ୪ ଦିନ ତଳେ ଏକ ଅଭାବନୀୟ ଘଟଣା ଘଟିଥିଲା। ନିଜ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରିବା ପରେ ସ୍ୱାମୀ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ଅଭିଯୁକ୍ତ ସ୍ୱାମୀ ସୁସ୍ଥହେବା ପରେ ମେଡିକାଲରୁ ଡିସ୍‌ଚାଜ ହେବା ମାତ୍ରେ ପୋଲିସ ତାଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଗତ ୧୦ ତାରିଖ ବିଳମ୍ବିତ ରାତିରେ ଜୟନଗରର ଶାନ୍ତନୁ ମହାରଣା (୩୭) ପାରିବାରିକ କଳହ ଯୋଗୁ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀ ରିନାଙ୍କ ବେକ, ଛାତି, ପେଟରେ ଛୁରି ମାରିଥିଲେ। ରିନାଙ୍କୁ ମୃତ ଭାବେ ପରେ ସେ ନିଜେ ଛୁରିରେ ନିଜ ହାତ କାଟି ଦେଇଥିଲେ। ୧୧ ତାରିଖ ସକାଳୁ ସେ ଜଗନ୍ନାଥ ସାଗରକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଟାଉନ ପୋଲିସ ଜିମା ଦେଇଥିଲେ । ପରେ ତାଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେଠାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଥିଲା । ଅନ୍ୟପକ୍ଷରେ ସ୍ତ୍ରୀ ରିନା ମଧ ଗୁରୁତର ଥିବାରୁ ସାହିପଡ଼ିଶା ଲୋକେ ତାଙ୍କୁ ମେଡିକାଲ ନେଇଥିଲେ। ପରେ ତାଙ୍କୁ ମଧ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା । ରିନାଙ୍କ ଭାଇ ବାସୁଦେବ ମହାରଣା ପରେ ଘଟଣା ସମ୍ପର୍କରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଦାମ୍ପତ୍ୟ କଳହକୁ ନେଇ ସ୍ୱାମୀ ଶାନ୍ତନୁ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରିଥିବା ପୋଲିସ ଜାଣିବା ପରେ ଶୁକ୍ରବାର ସେ ହସ୍‌ପିଟାଲରୁ ଡିସ୍‌ଚାର୍ଜ ହେବା ମାତ୍ରେ ତାଙ୍କୁ ଗିରଫ କରିଥିଲା। କେସ୍ ନଂ ୨୫୮/୧୮ ମାମଲା ଅନୁଯାୟୀ ୩୨୪, ୩୦୭ ଆଇପିସି ଧାରାରେ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏଏସ୍‌ଆଇ କେ.ଡି. ଖୋସଲା ମାମଲାର ତଦନ୍ତ କରୁଛନ୍ତି।

## ପୂଜା ମଣ୍ଡପରେ ଭଜନ ସନ୍ଧ୍ୟା

**ଦାମନଯୋଡ଼ି,୧୪।୯(ଡି.ଏନ୍.ଏ.)**

ଗଣେଶ ଚତୁର୍ଥୀ ଅବସରରେ ସେକ୍ଟର-୧ ପୂଜା ମଣ୍ଡପରେ ଅନୁଷ୍ଠିତ ଭଜନ ସନ୍ଧ୍ୟାରେ ଗଣେଶ ଏବଂ ଜଗନ୍ନାଥଙ୍କ ସୁମଧୁର ଭଜନ ପରିବେଷଣ ହୋଇଛି। କାର୍ଯ୍ୟକ୍ରମରେ କୀ ବୋର୍ଡରେ କୋରାପୁଟର ବିଜୟ ଜେନା ଓ ଦାମନଯୋଡ଼ିର ବାଦକ ତଥା ଗାୟକ ଶ୍ରୀକାନ୍ତ ନାୟକ ଥିଲେ। ତବଲାରେ ମାନସ ଦାଶ ଏବଂ ଅକ୍ଟୋପ୍ୟାଡରେ ଗାୟକ ରବୀନ୍ଦ୍ର ଭତ୍ରାଙ୍କ ସହିତ ସୁଜୟ ଶଙ୍କର ମିଶ୍ର ସାମିଲ ଥିଲେ। ଗାୟକ ନିର୍ମଳ ରାଉତଙ୍କ ସଂଯୋଜନାରେ କୁନିଗାୟିକା ବିଶ୍ୱମୋହନୀ ସାହୁ, ଅନୀଲ ଗନ୍ତାୟତ , ରବୀନ୍ଦ୍ର, ଶ୍ରୀକାନ୍ତ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଶ୍ରୀ ଗଣେଶ ପୂଜା କମିଟି ପକ୍ଷରୁ ଅସିତ ପରିଡ଼ା, ରଞ୍ଜିତ ନାୟକ, ରୋହିତ, ଦିବ୍ୟଜ୍ୟୋତି ପାତ୍ର, ପ୍ରଦୀପ ମାଝି, ଶେଖର ପଟ୍ଟନାୟକ, ଆଶିଷ ବେହେରା, ବାସୁଦେବ କୁଲେସିକା, ସୁମନ୍ତ ନାୟକ, ଲୋକେଶ ପଟ୍ଟନାୟକ, ସୁଦର୍ଶନ ହନ୍ତାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କୋରାପୁଟ ଅମିନ ଲେନ୍‌ରେ ମାଛ ଆକୃତିରେ କରାଯାଇଥିବା ଗଣେଶ ମୂର୍ତ୍ତି ।


ଦାମନଯୋଡ଼ି ସରସ୍ୱତୀ ବିହାର


କୋରାପୁଟ ଡେଲି ମାର୍କେଟ


କୋରାପୁଟ ଏଲ୍‌ଆଇସି କଲୋନୀ


କୋରାପୁଟର ପୂଜାରୀପୁଟ ।


ସେମିଳିଗୁଡ଼ା ଇନ୍ଦ୍ରନଗର


ସୁନାବେଡ଼ା ପିଏଚ୍‌ଡି କଲୋନୀ


ଅନକାଡେଲି


ପଟ୍ଟାଙ୍ଗୀ ମେଡିକାଲ


ସୁନାବେଡ଼ା


ଜୟପୁରର ପରିଚ୍ଛାସାହି


ଦାମନଯୋଡ଼ି ସେକ୍ଟର-୨

## ସଂକ୍ଷେପରେ

### ମଶାଣି ଜମିକୁ ନେଇ ବିବାଦ: ଗ୍ରାମରେ ଉତ୍ତେଜନା

ମାଲକାନଗିରି/କାଲିମେଳା,୧୪ା୯ (ଡି.ଏନ.ଏ)- ମାଲକାନଗିରି ଜିଲାର ମୋଟୁ ଥାନା ଅନ୍ତର୍ଗତ ଏମ.ଭି-୮୦ ଗ୍ରାମ ନିକଟସ୍ଥ ବନ୍ଧୁଗୁଡ଼ା ଗ୍ରାମର ଏକ ମଶାଣି ଜମିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଜୋର ଧରିଛି । ୨୦୧୦ରେ ମଙ୍ଗଳା ଖଲାବି ଓ ତାପସ ବୈରାଗୀ ନାମକ ୨ ଜଣ ବ୍ୟକ୍ତି ଏହି ମଶାଣି ଜମିକୁ ନିଜ ଦଖଲରେ ରଖିଥିଲେ । ସେବେଠାରୁ ଏହି ଜମିକୁ ନେଇ ବିବାଦ ଆରମ୍ଭ ହୋଇଛି । ଗତ ୨ ଦିନ ତଳେ ସମ୍ପୃକ୍ତ ଗ୍ରାମର ଦେବା ଛତ୍ରିୟା ନାମକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ଗ୍ରାମ ଶ୍ମଶାନର ଚତୁଃପାର୍ଶ୍ୱରେ ଖଲାବୀ ଓ ବୈରାଗୀ ତାର ବାଡ଼ ଦେଇ ନିଜ ଅକ୍ତିଆରରେ ରଖିଥିବାରୁ ବାଧ ହୋଇ ଗ୍ରାମବାସୀ ମୃତଦେହକୁ ବୋହି ଏକ ନାଳ ମଧ ଦେଇ ୪ ଫୁଟ ଗଭୀର ଜଳ ମଧ ଦେଇ ମୃତଦେହକୁ ପାର କରିଛନ୍ତି । ଗତ ୨୦୧୦ରୁ ବନ୍ଧୁଗୁଡ଼ା ଗ୍ରାମବାସୀ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ନିରାଶ ହୋଇଛନ୍ତି। ଶ୍ମଶାନ ଜମିକୁ ନେଇ ବିବାଦ ଲାଗିଥିବା ଖବର ପାଇ ମୋଟୁ ଥାନା ଭାରପ୍ରାପ୍ତ ନିରୀକ୍ଷକ ରଘୁନାଥ ମାଝି ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ତୁରନ୍ତ ଏନେଇ ତହସିଲଦାରଙ୍କୁ ଜଣାଇ ବିବାଦର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଗାମୀ ଦିନରେ ଯଦି ପଦକ୍ଷେପ ନେବାରେ ବିଳମ୍ବ ହୁଏ ତେବେ ମୋଟୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରଖି ସମସ୍ୟାର ସମାଧାନ ଯାଏ ଆନ୍ଦୋଳନ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

### ଗଣେଶ ପୂଜାରେ ଭାଇଚାରା ବାର୍ତ୍ତା ଦେଲେ ଯୁବଗୋଷ୍ଠୀ

ମାଲକାନଗିରି,୧୪ା୯(ଡି.ଏନ.ଏ) - ମାଲକାନଗିରି ଜିଲାରେ ବିଘ୍ନରାଜ ଗଣେଶଙ୍କ ପୂଜା ଗୁରୁବାରଠାରୁ ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ୬୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପ ହୋଇଛି। ମାତ୍ର ବାଲିମେଳା ଛକ ନିକଟ ସାଗର କ୍ଲବର ଯୁବକମାନେ ଅଭିନବ ଉପାୟରେ ଏହି ପୂଜା ପାଳନ କରି ଭାଇଚାରାର ବାର୍ତ୍ତା ଦେଇଛନ୍ତି । ମଣ୍ଡପଟି ସୁସଜ୍ଜିତ କରିବା ସହ ଏକ କଦଳି ଗଛ ସଦୃଶ୍ୟ ପ୍ରତିମା କରିଛନ୍ତି । ଏହି କ୍ଲବରେ ମୁସଲିମ୍ ଯୁବକ ମାନିରୁଲ ରେହେମାନ୍ ସର୍ଦ୍ଦାର, ଅମିରୁଲ ରେହେମାନ ସର୍ଦ୍ଦାର, ସେଖ୍ ପଠାନ, ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଯୁବକ ବିରୁ ନାଗ, ଜୋନ୍ ନାଗ , ଅମିର୍ ନାଗ , ପି.କିରଣ ଏବଂ ଶିଖ୍ ସମ୍ପ୍ରଦାୟର ବଳରାମ ସିଂ , କ୍ରିଷ୍ଣା ସିଂଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ହିନ୍ଦୁ ସମ୍ପ୍ରଦାୟର ଯୁବକମାନେ ମିଳିତ ଭାବେ ଏହି ପୂଜା କରି ଜିଲା ତଥା ସହରବାସୀଙ୍କୁ ଭାଇଚାରାର ବାର୍ତ୍ତା ଦେଇଛନ୍ତି । କେବଳ ଗଣେଶ ପୂଜା ନୁହେଁ ମୁସଲିମ୍ , ଶିଖ୍ ଏବଂ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ବିଭିନ୍ନ ପର୍ବପର୍ବାଣିରେ ଏହି କ୍ଲବର ସମସ୍ତେ ଅଂଶଗ୍ରହଣ କରିଥାନ୍ତି ।

# ପୋଲିସ-ମାଓବାଦୀ ଗୁଳି ବିନିମୟ

**ଦଳଦଳି ଘାଟିରୁ ମାଓବାଦୀ ସାମଗ୍ରୀ ଜବତ**

- ପ୍ରଜାକୋର୍ଟ ଚାଲୁଥିବା ବେଳେ ପୋଲିସର ଚଢାଉ
- ଛତ୍ରଭଙ୍ଗ ଦେଲେ ମାଓବାଦୀ

ମାଥିଲି,୧୪ା୯(ଡି.ଏନ.ଏ.)

ମାଲାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କର୍ତ୍ତନପାଲି ପଞ୍ଚାୟତ ଅଧୀନ ଦଲଦଲି ଘାଟିରେ ପୋଲିସ-ମାଓବାଦୀ ମଧ୍ୟରେ ଶୁକ୍ରବାର ଗୁଳି ବିନିମୟ ଘଟିଛି। ମାଓବାଦୀମାନେ ଘଟଣା ସ୍ଥଳରୁ ଛତ୍ରଭଙ୍ଗ ଦେଇ ପଳାଇଥିବା ମାଲକାନଗିରି ଏସପି ଜଗମୋହନ ମୀନା କହିଛନ୍ତି । ଗୁରୁବାର ସନ୍ଧ୍ୟାରେ ଦଲଦଲି ଘାଟିରେ ମାଓବାଦୀଙ୍କ ପ୍ରଜାକୋର୍ଟ ଚାଲିଥିଲା। ବିଶେଷ ସୂତ୍ରରୁ ଖବରପାଇ ମାଲକାନଗିରି ଏସପି ମୀନାଙ୍କ ନିର୍ଦ୍ଦେଶରେ ପୋଲିସ ଅତର୍କିତ ଚଢାଉ କରିଥିଲା। ମାଓବାଦୀ କମାଣ୍ଡାଣ୍ଟ ଅଗ୍ରୱାଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଜାକୋର୍ଟ



ଚାଲୁଥିଲା। ଆଖପାଖ ଗ୍ରାମର ପ୍ରାୟ ଶତାଧିକ ଲୋକେ ଏଥିରେ ସାମିଲ ହୋଇଥିଲେ। ମାଓବାଦୀ ମହିଳା କମାଣ୍ଡାଣ୍ଟ ମିଲକି ଏବଂ ନେତା ମାଛଙ୍କ ନେତୃତ୍ୱରେ ପ୍ରଜାକୋର୍ଟ ବସିଥିଲା। ଘଞ୍ଚ ଜଙ୍ଗଲରେ ଚାଲିଥିବା ପ୍ରଜାକୋର୍ଟ ସରିବା ପରେ ଗ୍ରାମବାସୀମାନେ ଗାଁକୁ ଫେରି ଆସିଥିଲେ। ଏହି ସମୟରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବାରୁ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଅପରାହ୍ନ ପର୍ଯ୍ୟନ୍ତ ଦଲଦଲି ଘାଟି ଜଙ୍ଗଲରେ ସର୍ଚ୍ଚ ଅପେରେଶନ କରାଯାଇଥିଲା। ଘଟଣାସ୍ଥଳରୁ ମାଓବାଦୀଙ୍କ ନିତ୍ୟ ବ୍ୟବହାର ସାମଗ୍ରୀ ଜବତ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରୁ କିଟ ବ୍ୟାଗ, ମାଓବାଦୀ ଆର୍ଟିକିଲ୍ ଏବଂ ମାଓବାଦୀ ରିଟେରେଚର ଜବତ ହୋଇଥିବା ଏସପି ମୀନା ସୂଚନା ଦେଇଛନ୍ତି।

# ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ



ମୁଁ ହିରୋ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ।

କାଲିମେଳା,୧୪ା୯(ଡି.ଏନ.ଏ)

ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ସ୍ଥାନୀୟ ଗୋପବନ୍ଧୁ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ମାଲା ମାଢି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ କୁମାର ଦତ୍ତ , ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମିଶ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭରତ ଗୁରୁ, ଅଧ୍ୟାପକ ପ୍ରକାଶ କୁମାର ମିଶ୍ର, ଥାନା ଅଧିକାରୀ ଅଜିତ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉପାଦେୟତା ତଥା ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ମଞ୍ଚାସୀନ ଅତିଥିମାନେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଭୁବନେଶ୍ୱରରୁ ଆସିଥିବା ମୁଁ ହିରୋ ମୁଁ ଓଡିଶା ରଥକୁ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ.ପଦ୍ମଲୋଚନ ରାଉତ ପରିଚାଳନା କରିଥିଲେ । ବିଜୁ ଯୁବ ବାହିନୀର ସଂଯୋଜକ ବିକ୍ରମ ସାହୁ, ପ୍ରକଳ୍ପ ସଂଯୋଜକ ଦେବା ସୋଡି ସହଯୋଗ କରିଥିଲେ ।

### ନୂଆଖାଇ ପାଳିତ

ପାଣ୍ଡ୍ରିପାଣି,୧୪ା୯- ଶୁକ୍ରବାର ମାଲକାନଗିରିସଦର ବ୍ଲକ ଅର୍ନ୍ତଗତ ସେରପାଲି ପଞ୍ଚାୟତର ବୁରୁଦାଗୁଡା, ବଡସେରପାଲି, ସେରପାଲି, ଆରିଙ୍ଗଗୁଡା, ରଙ୍ଗମାଟିଗୁଡା ଆଦି ଗ୍ରାମରେ ନୂଆଁଖାଇ ପାଳିତ ହୋଇଯାଇଛି । ସେରପାଲ୍ଲୀ ସରପଞ୍ଚ ଦଶରଥ ଡୁରୁକା ଓ ଗ୍ରାମର ପୁରୁଖା ବ୍ୟକ୍ତି କୁହନ୍ତି ମୁଖିଆ ନୂଆ ବସ୍ତ୍ର ପରିଧାନ କରି ପ୍ରଥମେ ଗ୍ରାମ ଦେବତୀ ପୀଠରେ ନୂତନ ଶସ୍ୟ ଯଥା ଧାନ, କାଉଁରିଆ ପତ୍ର, ମକ୍କା ଓ କଖାରୁ ଭଳି ଦ୍ରବ୍ୟ ପୂଜା କରନ୍ତି। ଏହାକୁ ଗ୍ରାମର ଚଳାଣ ସବୁ ଘରେ ବାଣ୍ଟି ଥାଆନ୍ତି । ଗ୍ରାମର ଆବାଳ ବୃଦ୍ଧବନିତା ନୂଆ ବସ୍ତ୍ର ପରିଧାନ କରି ନୂଆ ଧାନରୁ ଚାଉଳ ବାହାର କରିବ୍ୟଞ୍ଜନ ପ୍ରସ୍ତୁତ କରି ଇଷ୍ଟଦେବୀ ଓ କୂଳଦେବୀଙ୍କ ନିକଟରେ ଅର୍ପଣ କରିବା ପରେ ଚାଷୀମାନେ ପ୍ରସ୍ତୁତ ହୋଇଥିବା ପିଠା ମିଠା ନେଇ କ୍ଷେତରେ ପୂଜା ଅର୍ଚ୍ଚନା କରିଥାନ୍ତି। ନୂଆଁଖାଇ ପର୍ବରୁ ମହିଳାମାନେ ଜଙ୍ଗଲକୁ ଯାଇ କୁଡେଇ ଓ ରାଇଲି ପତ୍ର ଆଣି ଖଲି ଓ ଦନା ପ୍ରସ୍ତୁତ କରିଥାନ୍ତି । ପ୍ରଥମେ ମୁଖିଆ ଓ ପୁରୁଷମାନେ ଖଲି ଓ ଦନାରେ ଖାଆନ୍ତି। ଛୋଟମାନେ ବଡମାନଙ୍କୁ ଜୁହାର ହୋଇ ଆଶୀର୍ବାଦ ଭିକ୍ଷା କରନ୍ତି ।

# ଲାଖ ହସ୍ତଶିଳ୍ପ, ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନବରଙ୍ଗପୁର,୧୪ା୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଶିଳ୍ପ କେନ୍ଦ୍ରରେ ଲାଖ ହସ୍ତଶିଳ୍ପ ଓ ପ୍ରଶିକ୍ଷଣ ଶିବିର ବୁଧବାର ଉଦଯାପିତ ହୋଇଯାଇଛି । ନବରଙ୍ଗପୁର ଲାଖ ଶିଳ୍ପ ସାରା ଭାରତ ବର୍ଷରେ ପ୍ରସିଦ୍ଧ ଲାଭ କରି ଆସିଛି । ଏହାର ଅଧିକ ପ୍ରଚାର ପ୍ରସାର ଓ ନୂତନ ଡିଜାଇନର କାରୁକାର୍ଯ୍ୟ କରାଯିବା ସହ ଯୁବତୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ଥାନୀୟ ଶଙ୍ଖାରୀ ସାହିରେ ୬ମାସ ଧରି



ଅତିଥିଙ୍କ ଗହଣରେ ଶିବିରାର୍ଥୀ ।

କାରିଗରମାନଙ୍କୁ ତାଲିମ ଦିଆଯାଇଥିଲା । ଉଦଯାପିତ କାର୍ଯ୍ୟକ୍ରମରେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଲିଙ୍ଗରାଜ ଖଣ୍ଡପାଣ ଯୋଗ ଦେଇଥିଲେ। ଏଥିରେ କାରିଗରମାନଙ୍କୁ ମାନପତ୍ର ଓ ଶିଳ୍ପୀମାନଙ୍କୁ ଶିଳ୍ପ କ୍ଷେତ୍ରରେ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ହସ୍ତଶିଳ୍ପକୁ ବୃତ୍ତି କରି କିଭଳି ନିଜର ଜୀବୀକା କରି ପାରିବେ, ଲାଖ ଶିଳ୍ପର ଉନ୍ନତି, ବ୍ୟବସାୟ ବୃଦ୍ଧି ଉପରେ ସେ ନେଇ ବକ୍ତବ୍ୟ ରଖିଥିଲେ। ଜିଲା ଶିଳ୍ପକେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ଗୌରବ ସେନାପତି, ଅଜିଜ୍ କିରଣ ପାଲ, କେ. ବିକ୍ରମ ରାଜୁ , ଯୋଗେଶ୍ୱର ନାୟକ, ତାଲିମ ପ୍ରାପ୍ତ କରିଥିବା ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ । ପ୍ରଶିକ୍ଷକ ଭାବେ ଜାତୀୟ ସ୍ତରରେ ପୁରସ୍କାର ପ୍ରାପ୍ତ ଲାଖ ଶିଳ୍ପୀ କୁନ୍ତଳା କୁମାରୀ ପାତ୍ର ଓ ମାଧୁରୀ ପାତ୍ର ରହିଥିଲେ।

# ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ମାଲକାନଗିରି,୧୪ା୯(ଡି.ଏନ.ଏ)

ଛଅ ଦଫା ଦାବି ନେଇ ମାଲକାନଗିରି ଜିଲା ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ତଥା ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ ଭୁବନେଶ୍ୱରରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି। ଫଳରେ ମାଲକାନଗିରି ଜିଲାରେ ସ୍ୱାସ୍ଥ୍ୟସେବା ଏକ ପ୍ରକାର ଠପ ହୋଇଯାଇଛି। ଜିଲା ସଦର ମହକୁମାର କାର୍ଯ୍ୟାଳୟରେ ତାଲା ଝୁଲୁଛି। ବିଭିନ୍ନ ବ୍ଲକ ତଥା ଦୁର୍ଗମ ଅଞ୍ଚଳରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ପରିଚାଳିତ ୨୦ରୁ ଊର୍ଦ୍ଧ୍ୱ ଯୋଜନା ବନ୍ଦ ହୋଇଯାଇଛି । ସେହିପରି



ଆନ୍ଦୋଳନ ଯୋଗୁ ବନ୍ଦ ଥିବା କାର୍ଯ୍ୟାଳୟ ।

ଆଶାକର୍ମୀମାନେ ସେମାନଙ୍କ ପ୍ରାପ୍ୟ ପାଇପାରୁ ନ ଥିବା ବେଳେ ଜେଓ୍ୱାଇଏସ ପ୍ରାପ୍ୟ ମଧ ମାଆମାନଙ୍କୁ ମିଳିପାରୁନାହିଁ । ଶନିବାର ଶତାଧିକ ଆଶାକର୍ମୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅପରପକ୍ଷରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଯୋଗୁ ଜିଲାରେ ଜନନୀ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ମାତୃତ୍ୱ ସୁରକ୍ଷା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମା'ଓ ଶିଶୁ ଟିକାକରଣ, ଆର୍ଥିକ ବ୍ୟବସ୍ଥା, ଡାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନା, ମ୍ୟାଲେରିଆ ନିରାକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି । ସେହିପରି ଜିଲା ସଦର ମହକୁମାରୁ ବାହାରକୁ ଚିକିତ୍ସା ପାଇଁ ଯାଉଥିବା ରୋଗୀମାନଙ୍କ ପାଇଁ ସରକାର କରିଥିବା ଓଏସଟିଏଫ କାର୍ଯ୍ୟ ମଧ ବନ୍ଦ ରହିଛି । ସୂଚନାଯୋଗ୍ୟ ଯେ, ୧୨ ବର୍ଷ ଧରି ମାଲକାନଗିରି ଜିଲା ତଥା ରାଜ୍ୟରେ ୫ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଚୁକ୍ତିଭିତ୍ତିକ ପଦବୀରେ ରହି କାର୍ଯ୍ୟ କରୁଥିଲେ ମଧ ଏମାନଙ୍କ ପାଇଁ କୌଣସି ସରକାରୀ ନୀତି ଲାଗୁ ହୋଇନାହିଁ । ଗତ ଫେବୃୟାରୀ ମାସରେ ଭୁବନେଶ୍ୱରରେ ହୋଇଥିବା ସମାବେଶରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ ହେଁ ଏ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନାହିଁ ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।








@ ନାୟକ



@ ଭକ୍ତକବି



@ କୁନୁ



@ ସାଗର

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

### ବାଲିମେଳାରେ ଗଣେଶ ପୂଜା

ବାଲିମେଳା, ୧୪ା୯(ଡି.ଏନ.ଏ.) ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ସଂସ୍ଥାରେ ଗଣେଶ ପୂଜା ପାଳିତ ହୋଇଯାଇଛି । ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ , ଯୁଜିଏଇ ସ୍କୁଲ, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ବିବେକାନନ୍ଦ ସ୍ମାର୍ଟ ସ୍କୁଲ, ଯୁପି ସ୍କୁଲରେ ପୂଜା ପାଳିତ ହୋଇଛି।



ବାଲିମେଳାରେ ହୋଇଥିବା ପୂଜା ମଣ୍ଡପ ।



ଗୋବିନ୍ଦପାଲି



ମାଥିଲି ପାଙ୍ଗାମ ।



ପାଣ୍ଡ୍ରିପାଣି ଥାପାଗୁଡା ଆଶ୍ରମ ସ୍କୁଲ ।



ବିଚିଲିକୋଟା ବ୍ୟବସାୟୀ ସଂଘ ।

ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ୧୫ ସେପ୍ଟେମ୍ବର, ୨୦୧୮



ଭୁଲ ସେଇମାନଙ୍କ ଦ୍ୱାରା ହୋଇଥାଏ, ଯେଉଁମାନେ କିଛି କରିବାର ଉଦ୍ୟମ କରିଥାନ୍ତି, କିନ୍ତୁ ଅଳସୁଆମାନେ କେବଳ ଅନ୍ୟର ଭୁଲ ଖୋଜିବାରେ ଜୀବନ କଟାଇ ଦିଅନ୍ତି।
- ଚାଣକ୍ୟ



## ବାଇକ ଦୁର୍ଘଟଣାରେ ୨ ଆହତ



ରାୟଗଡା ଅଫିସ,୧୪।୯ : ରାୟଗଡା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଖୁରିଗାଁ ଓ ରେଙ୍ଗା ମଝିରେ ବାଇକ୍ ଦୁର୍ଘଟଣାରେ ୨ ଜଣ ଆହତ ହୋଇଛନ୍ତି । ସେମାନେ ହେଲେ ସାଗର କନ୍ଧପାଣି ଓ ଆଶିସ ମହାନନ୍ଦିଆ। ଖବରପାଇ ଆହତଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ଉଭୟେ ଏକ ବାଇକ୍‌ରେ କାଶୀପୁର ଆସି ନିଜ ଗ୍ରାମ ଉପର କୋଡିଙ୍ଗାକୁ ଫେରୁଥିଲେ । ଖୁରିଗାଁ-ରେଙ୍ଗା ମଝିରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

## କବିତା ସଂକଳନ 'ମୃଣ୍ମୟୀର ହସ' ଉନ୍ମୋଚିତ



ରାୟଗଡ଼ା ଅଫିସ,୧୪।୯: ସ୍ଥାନୀୟ ଡ଼ିଏଫଓ ଅଫିସ କଲୋନୀ ଗଣେଶ ପୂଜା ମଣ୍ଡପରେ ସନ୍ତୋଷିନୀ ନାୟକଙ୍କ ଦ୍ୱାରା ରଚିତ ମୃଣ୍ମୟୀର ହସ ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଏହାକୁ ଜିଲାପାଳ ଗୁହା ପୁନମ ତାପସ କୁମାର ଉନ୍ମୋଚନ କରିଥିଲେ। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର , ସିଆରପିଏଫ ଚତୁର୍ଥ ବାଟାଲିୟନର ଡ଼ିଆଇଜି ଶଙ୍କରଦତ୍ତ ପାଣ୍ଡେ, କବିନା ଟ୍ୟାକର, ଶିକ୍ଷାବିତ୍ ଅଭୟ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ଼ିଏଫଓ ଦେବର୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବି.କେ ଭଦ୍ରା ସଂଯୋଜନା କରିଥିଲେ । ମୁନିଗୁଡ଼ା ରେଞ୍ଜର ଅନୀଲ କୁମାର ରାୟ, ପ୍ରଭାକର ସେନାପତିଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲ ।

## ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଟିକିରି, ୧୪।୯(ଡ଼ି.ଏନ.ଏ)-ରାୟଗଡା ଜିଲା କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ଗୁରୁବାର ଏକ ନୂତନ ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି ମନ୍ଦିର ନିର୍ମାଣ କରାଯାଇଛି । ଏଥିରେ ପୂଜକ ଭାବେ ସଞ୍ଜୟ କୁମାର ଷଡଙ୍ଗୀ ଯୋଗଦେଇ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ଏବିଡିଓ ବଳରାମ ପାତ୍ର, ବ୍ଲକ ଅଧକ୍ଷା ଓରୁଆ ମାଝି, ସରପଞ୍ଚ ସୁଭଦ୍ରା ମାତାଙ୍ଗି, ହେମଲତା କାଡାକା , ଭାଜପା ନେତା ବେଲଧର ମାଝି, ସୁବାସ ବେହେରା, ନୀଳକଣ୍ଠ ଝୋଡିଆ, ଉମା ତୁରୁକ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ବିଦ୍ୟାଳୟର ଶିନାଥ ସାହୁ, ସୁଦର୍ଶନ ସାହୁ, ଯୋଗେନ୍ଦ୍ର ଶବର, ଲକ୍ଷ୍ମଣ ଶବର, ଅବିକା ଖୋସଲା, ପଦ୍ମନାଭ ମାଝି, ସୁକାନ୍ତି ମହାକୁଡ ପରିଚାଳନାରେ ସହଯୋଗ କରିଥିଲେ।

## ଗଣେଶ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ

ଗୁଣପୁର,୧୪।୯(ଡି.ଏନ.ଏ)- ରାୟଗଡା ଜିଲା ଗୁଣପୁର କଲେଜ ନିକଟ ଗଣେଶ ମନ୍ଦିରରେ ଗୁରୁବାରଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି । ଏଥିଲାଗି ମନ୍ଦିରରେ ସ୍ୱତନ୍ତ୍ର ପୂଜା ରିତି ନିତି ଅନୁସାରେ କରାଯାଇଛି । ଗଣେଶଙ୍କ ଚଳନ୍ତି ପ୍ରତିମାକୁ ମଣ୍ଡପରେ ବିରାଜମାନ କରାଯାଇ ପୂଜା ,ହୋମ ଆଦି କରାଯାଉଛି । ଏଥିରେ କର୍ତ୍ତା ଭାବେ ଶିବରାମ ରଥ କାର୍ଯ୍ୟ ସଂପାଦନା କରଥିବାବେଳେ ନବିନ ରଥ, ପ୍ରକାଶ ରଥ ଏବଂ ସୂର୍ଯ୍ୟ ନାରାୟଣ ରଥ ପୂଜକ ଭାବେ କର୍ମ ପରିଚାଳନା କରୁଛନ୍ତି । ଆସନ୍ତା ୨୧ ତାରିଖରେ ଏହି ପୂଜା ଶେଷ ହେବ । ଉକ୍ତ ଦିନ ଅନ୍ନ ଯଜ୍ଞ, ୪ ପ୍ରହର ନାମ ଯଜ୍ଞ ଏବଂ ପୂର୍ଣ୍ଣାହୁତି କାର୍ଯ୍ୟ ସଂପାଦନ ହେବ ।

■ ଅଟୋ -ଟ୍ରକ୍ ମୁହାଁମୁହିଁ ଧକ୍କା

# ଜଣେ ମୃତ, ଉତ୍ତେଜନା

ଜେକେପୁର,୧୪।୯(ଡି.ଏନ୍.ଏ.)

ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଘଟଣାଟି ଘଟିଛି ରାୟଗଡାଠାରୁ ୮ କି.ମି. ଦୂର ନାଇଡୁପେଟା ବାଲାଜୀ ମନ୍ଦିର ନିକଟରେ । ମୃତ ମହିଳା ଜଣକ ଜିଞ୍ଜିଲିବାଡ଼ି ଗ୍ରାମର ଅନ୍ନପୂର୍ଣ୍ଣମା (୫୫)। ଏହାକୁ ନେଇ ଉକ୍ତ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା । କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ ।

ଘଟଣାରୁ ପ୍ରକାଶ ଯେ, ସକାଳ ସାଢେ ୬ଟାରେ ଅନ୍ନପୂର୍ଣ୍ଣମା ପୁତୁରା ପାଲି ରାଜୁଙ୍କ ସହ ଏକ ଅଟୋ (ଓଆର ୧୮ସି-୩୪୩୮)ରେ ରାୟଗଡା ବାହାରିଥିଲେ । ଅମ୍ଳାଭଟ୍ଟା ଛକଠାରେ ଗୋବିନ୍ଦ ପାଣ୍ଡେ ନାମକ ଜଣେ ଯାତ୍ରୀ ଅଟୋରେ ଚଢ଼ିଥିଲେ। ବାଲାଜି ମନ୍ଦିର ନିକଟରେ ରଗଡା ପଟୁ ଜେକେପୁର ଅଭିମୁଖେ ଆସୁଥିବା ଏକ ଟ୍ରକ୍(ୟୁପି ୬୪-ଏଟିସି-୨୨୪୧) ସହ ଅଟୋର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ଅନ୍ନପୂର୍ଣ୍ଣାମାଙ୍କ ମୃତ୍ୟୁ ହୋଇଥିଲା । ଅଟୋ ଡ୍ରାଇଭର ରାଜୁ, ଯାତ୍ରୀ ଗୋବିନ୍ଦ ଗୁରୁତର ହୋଇଥିଲେ । ନାଇଡୁପେଟା ଗ୍ରାମବାସୀ ଗୁରୁତରଙ୍କୁ ଉଦ୍ଧାର କରି ରାୟଗଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ରାଜୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଗ୍ରାମବାସୀ କ୍ଷତିପୂରଣ ଦାବିରେ ମୃତଦେହ ରାସ୍ତାର ରଖି ୪ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ । ଖବରପାଇ ଚାନ୍ଦିଲି ଥାନା ଅଧିକାରୀ ମନୋଜ ବେହେରା, ଏଏସ୍‌ଆଇ ଅଶୋକ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ । ହେଲେ ସେମାନେ କୌଣସି କଥା ଶୁଣି ନ ଥିଲେ । ପରେ ରାୟଗଡା ଏସ୍‌ଡିପିଓ ରାଜକିଶୋର ଦାସ, ଏବିଡିଓ ନୃସିଂହଚରଣ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ସୁନୀଲ ଖରା ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ । ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ନେଇ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀମାନେ ରାସ୍ତାରୁ ହଟିଥିଲେ । ମୃତକଙ୍କ ପରିବାରକୁ ରେଡକ୍ରସ ତରଫରୁ ୧୦ ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି ।



ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି ।

**କ୍ଷତିପୂରଣ ଦାବି**

■ ୨ ଗୁରୁତର, ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ରାସ୍ତାରୋକୋ

■ ପ୍ରତିଶ୍ରୁତି ପରେ ହଟିଲା ରାସ୍ତାରୋକୋ

## ୨୫ ପର୍ଯ୍ୟନ୍ତ ଗୁଣପୁର-ପୁରୀ, ପଲାସା-ଗୁଣପୁର ଟ୍ରେନ ଚଳାଚଳ ବନ୍ଦ

ଗୁଣପୁର,୧୪।୯(ଡି.ଏନ.ଏ)

ଗୁଣପୁରକୁ ଆସୁଥିବା ବିଭିନ୍ନ ଟ୍ରେନ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଘୋଷଣା କରାଯାଇଥିଲା । ବର୍ତ୍ତମାନ ଏଥିରେ ବୃଦ୍ଧି ଘଟି ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ରେଳ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି । ସେଗୁଡ଼ିକ ହେଲା ଗୁଣପୁର-ପୁରୀ,ପୁରୀ -ଗୁଣପୁର ଏବଂ ପଲାସା -ଗୁଣପୁର ,ଗୁଣପୁର - ପଲାସା । ଏପରି ଦୁଇ ଯୋଡା ଟ୍ରେନ ଚଳାଚଳ ବନ୍ଦ ରହିବ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିକାର କରାଯାଇ ତୁରନ୍ତ ରେଳ ଚଳାଚଳ କ୍ଷେତ୍ରରେ ସ୍ୱାଭାବିକସ୍ଥିତି ଫେରାଇ ଆଣିବାକୁ ବିଭିନ୍ନ ସ୍ତରରେ ଦାବି ହୋଇଛି । ପ୍ରଥମେ ବିଶାଖାପଟଣା ନିକଟ କାଟଭାଲସାଠାରେ ସିଗନାଲିଂ ମରାମତି କାର୍ଯ୍ୟ ପାଇଁ ଗୁଣପୁରକୁ ଆସୁଥିବା ଟ୍ରେନଗୁଡ଼ିକ ବନ୍ଦ ରହିବ ବୋଲି କୁହାଯାଇଥିଲା । ସେହିପରି ୨ୟ ପର୍ଯ୍ୟାୟରେ ପୁରୀ ଷ୍ଟେଶନରେ ଆଧୁନିକୀରଣ କାର୍ଯ୍ୟ ପାଇଁ ଉପରୋକ୍ତ ଟ୍ରେନଗୁଡିକ ଚଳାଚଳ ବନ୍ଦ ହେବ ବୋଲି ପୂର୍ବତଟ ରେଳ ବିଭାଗ ପକ୍ଷରୁସୂଚନା ଦିଆଯାଇଛି ।

## ଦକ୍ଷିଣକାଳୀଙ୍କ ପୂଜା ଲାଗି ଶୁଭଖୁଣ୍ଟି ସ୍ଥାପନ



ଶୁଭଖୁଣ୍ଟି ସ୍ଥାପନ ପାଇଁ ପୂଜାର୍ଚ୍ଚନା କରାଯାଉଛି ।

ଗୁଣପୁର,୧୪।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଆଇଟିଡିଏ ଅଫିସ ନିକଟରେ ମା ଦକ୍ଷୀଣକାଳୀଙ୍କ ପୂଜା ଲାଗି ଶୁକ୍ରବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଏଥିରେ କର୍ତ୍ତା ଭାବେ ମନୋରଞ୍ଜନ ରଥ ଏବଂ ପୂଜକ ଭାବେ ରାୟଗଡାର ଦେବୀ ପ୍ରସାଦ କର କାର୍ଯ୍ୟ ସଂପାଦନା କରିଥିଲେ । ପୂଜା କମିଟି ସଭାପତି ଲକ୍ଷ୍ମୀ ନାରାୟଣ ବଳଙ୍କ ସମେତ ପ୍ରଭାତ ମହାପାତ୍ର ଏବଂ ପୂଜା କମିଟିର ଅନ୍ୟାନ୍ୟ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ମା' ଗଜଲକ୍ଷ୍ମୀଙ୍କ ପୂଜା ଲାଗି ପ୍ରସ୍ତୁତି ବୈଠକ

ଗୁଣପୁର,୧୪।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ଅଫିସ ସମ୍ମୁଖରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଲାଗି ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଗଜ ଲକ୍ଷ୍ମୀ ପୂଜା କମିଟି ମରାଠିଗୁଡା ପକ୍ଷରୁ ଆୟୋଜନ ହେବ । କାଶୀ ବିଶ୍ୱନାଥ ମନ୍ଦିର କଲ୍ୟାଣମଣ୍ଡପରେ ଅସ୍ଥାୟୀ ସଭାପତି ସୂର୍ଯ୍ୟ ନାରାୟଣରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ଭାବେ ମନୋରଞ୍ଜନ ରଥ, କାର୍ଯ୍ୟକାରୀ ସଭାପତି ସମେଶ୍ୱର ସାମଲ, ଉପସଭାପତି ଗୋପାଳକୃଷ୍ଣ ପାଣିଗ୍ରାହୀ, ସମ୍ପାଦକ ଶିବ ପ୍ରସାଦ ମହାପାତ୍ର, ସହସମ୍ପାଦକ ଦେବାଶିଷ ପଣ୍ଡା ଏବଂ କୋଷାଧକ୍ଷ ଭାବେ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିଲେ । ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟବଧାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପୁଣି ଥରେ ଅନୁଷ୍ଠିତ ହେଉଥିବାରୁ ଏହାକୁ କିପରି ଆଡମ୍ବରର ସହ ପାଳନ କରାଯିବ ସେନେଇ ଆଲୋଚନା ହୋଇଥିଲା । ମା'ଙ୍କ ପୂଜା ଅକ୍ଟୋବର ୨୪ ତାରିଖରୁ ଆରମ୍ଭ ହୋଇ ୭ ଦିନ ଧରି କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଗୋପାଳନଗର, ଶେଖର ନଗର, ରାମେଶ୍ୱର ନଗର, ସାଇ ନଗର, ନିଳଚକ୍ର ନଗର, ମରାଠୀଗୁଡା, ହାଉସିଂବୋର୍ଡ କଲୋନିର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ବୈଠକରେ ଯୋଗ ଦେଇଥିଲେ । ୨ୟ ପର୍ଯ୍ୟାୟ ବୈଠକ ରବିବାର ପୁଣି ଥରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା ।

## ଆଦିବାସୀ ପାଳିଲେ ଡଙ୍ଗର ନୂଆଁ ପର୍ବ

ରାମନାଗୁଡା, ୧୪।୯ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକରେ ଶୁକ୍ରବାର ଆଦିବାସୀଙ୍କ କଣ୍ଡନୂଆଁ ବା ଡ଼ଙ୍ଗର ନୂଆଁ ପର୍ବ ପାଳିତ ହୋଇଯାଇଛି। ଏହି ପର୍ବ ପାଳନ କରିବା ପାଇଁ ଦିସାରୀ (ବେଜୁ) ଲଗ୍ନ ଧାର୍ଯ୍ୟ କରିଥାନ୍ତି। ବିଭିନ୍ନ ସମୟରେ ଆଦିବାସୀ ଏହା ପାଳନ କରିଥାନ୍ତି । ଏଥିରେ ଆଦିବାସୀମାନେ ଡ଼ଙ୍ଗର ଧାନ, କଇଁଥା, ସାରୁ, ଖମ୍ବଆଳୁ, ପିଡ଼ଲ କନ୍ଦା ଇତ୍ୟାଦି ନୂଆଁ ଖାଇଥାନ୍ତି। ନୂଆଁ ଚାଉଳରେ ଭାତ ଏବଂ ବିଭିନ୍ନ କନ୍ଦା ଏବଂ କଇଁଥା ମିଶାଇ ଡାଲି କରି ପୂଜା କରାଯାଏ । ଦିଶାରୀ ଏହି ଖାଦ୍ୟକୁ ଗାଁର ଚାରିପଟେ ପୂଜା କରିଥିଲେ। କାରଣ ଠାକୁରାଣୀ ଗାଁକୁ ଚାରିଦିଗରେ ରକ୍ଷା କରିଥାନ୍ତି। ପରେ ସେମାନେ ଠାକୁରାଣୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଉକ୍ତ ଖାଦ୍ୟକୁ ଏକ ନିକାଞ୍ଚନ ସ୍ଥାନରେ ରଖି ଆସିଥିଲେ। ଏହାର ଉଦ୍ଦେଶ୍ୟ ଏହି ଖାଦ୍ୟକୁ ଭୁତ,ପ୍ରେତମାନେ ଖାଇ ଗାଁକୁ ନଜର ପକାଇବେ ନାହିଁ ବୋଲି ଆଦିବାସୀଙ୍କ ବିଶ୍ୱାସ ରହିଛି । ବେଜୁ ସୁଗ୍ରୀବ କଲକା ପୂଜାର୍ଚ୍ଚନା କରି ଚଳିତବର୍ଷ ଫସଲ ଭଲ ହେବା ନିମନ୍ତେ ପ୍ରାର୍ଥନା କରିଥିଲେ। ଗାଁର ମହିଳା ଦିନାବତୀ ମାଣ୍ଡାଙ୍ଗି, ଆଦି ଆମା ପାଡିକା, ସୁଭଦ୍ରା କାଡ୍ରାକା ସହଯୋଗ କରିଥିଲେ। ପାରିଖିତ ଗ୍ରାମ ପଞ୍ଚାୟତ ସରପଞ୍ଚ ଗାୟତ୍ରୀ ମାଣ୍ଡାଙ୍ଗିଙ୍କ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା।



ଦିସାରୀଙ୍କ ସହ ଅନ୍ୟମାନେ ପୂଜାର୍ଚ୍ଚନା କରୁଛନ୍ତି।

## ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ଗଣେଶଙ୍କ ପ୍ରତିମୂର୍ତ୍ତି



ମୁନିଗୁଡ଼ା ବୀର ବିକ୍ରମ ପୂଜା କମିଟି ।



ମୁନିଗୁଡ଼ା ବିଜୁ ପଟ୍ଟନାୟକ ଯୁବ ସଂସଦ ।



ଟିକିରି ଷ୍ଟେଶନ ରୋଡ୍



ଟିକିରି ବସ୍‌ଷ୍ଟାଣ୍ଡ



ଟିକିରି କୋରାପୁଟସାହି



ଟିକିରି ରେଲ୍‌ୱେ କଲୋନୀ ।

# ଜଙ୍ଗଲ ରାସ୍ତାରୁ ସନ୍ଦେହଜନକ ଭାବେ ଟ୍ରକ ଜବତ

**ଉପରେ ଚାଉଳ, ତଳେ ଗଞ୍ଜେଇ ଚାଲାଣ ହେଉଥିବା ଚର୍ଚ୍ଚା**

ପଟାଙ୍ଗି,୧୪।୯(ଡି.ଏନ୍.ଏ.)

ପଟାଙ୍ଗି ଥାନା ପେଟୁ ପଞ୍ଚାୟତ ଗାଣ୍ଡିମେଡା ଗ୍ରାମ ନିକଟସ୍ଥ ଘଞ୍ଚ ଜଙ୍ଗଲ ରାସ୍ତା ଉପରୁ ସନ୍ଦେହଜନକ ଭାବେ ଏକ ୧୦ ଚକିଆ ଟ୍ରକ ଉଦ୍ଧାର ହୋଇଛି। ଗଣମାଧ୍ୟମ ଚାପରେ ପୋଲିସ ଉଦ୍ଧାର କରିଥିବା ଅଞ୍ଚଳବାସ ଚର୍ଚ୍ଚା କରୁଛନ୍ତି। ଗୁରୁବାର ସେଠାରେ ଏହି ଦଶଚକିଆ ଟ୍ରକ୍ (ଓଆର୍ ୦୯ ଏମ୍ ୯୭୨୯)ର ଡାଲା ଉପରେ ଧାନ ବୋଝେଇ ହୋଇ ରହିଥିବା ବେଳେ ତଳେ ଗଞ୍ଜେଇ ଚାଲାଣ ହେଉଥିଲା ବୋଲି କେତେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସେମାନଙ୍କ ସୂଚନା ପାଇ ମଧ୍ୟ ପୋଲିସ ସେଠାରେ ପହଞ୍ଚି ନ ପାରିବାରୁ ଏହାର ସୁଯୋଗରେ ମାଫିଆମାନେ ଗାଡ଼ିରୁ ଗଞ୍ଜେଇ ସ୍ଥାନାନ୍ତର କରିବାରେ ସଫଳ ହୋଇଥିଲେ। ସେଠାରୁ ବିଏସ୍ଏଫ୍ କ୍ୟାମ୍ପ ମାତ୍ର ଦୁଇ କିଲୋମିଟର ଥାଇ ମଧ୍ୟ ମାଫିଆମାନେ ନିର୍ଭୟରେ ନିଜ କାର୍ଯ୍ୟକୁ ଅନ୍ତିମ ରୂପ ଦେଇପାରିଲେ। ଏହିପରି ରାତି ଅଧିଆ ଚୋରା କାରବାର ପଛରେ ସୁଙ୍କି ପୋଲିସର ଭୂମିକା ନେଇ ମଧ୍ୟ ପ୍ରଶ୍ନବାଚୀ ଛିଡ଼ା ହୋଇଛି। ମାଫିଆମାନେ ଟ୍ରକ୍‌ରୁ ଗଞ୍ଜେଇ ବାହାର କରିନେବା ସହ ଡ୍ରାଇଭର ଓ ହେଲପରଙ୍କୁ ମଧ୍ୟ ଲୁଚାଇ ରଖିଛନ୍ତି। ତେବେ ଶୁକ୍ରବାର ସକାଳୁ କେତେକ ଲୋକ ବାଇକରେ ଆସି ଟ୍ରକ୍‌ରୁ କିଛି ନେବା ପାଇଁ ଉଦ୍ୟମ କରୁଥିବା ବେଳେ ଗଣମାଧ୍ୟମକୁ ଦେଖି ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ କହିଛି, ଆମେ ଘଟଣା ସମ୍ପର୍କରେ ଅବଗତ ଥିଲୁ। ଘଟଣାସ୍ଥଳ ଜଙ୍ଗଲ ଅଞ୍ଚଳରେ ଥିବାରୁ ପହଞ୍ଚିବା ସମ୍ଭବପର ହୋଇନଥିଲା। ଟ୍ରକକୁ ଜବତ କରିବା ବ୍ୟବସ୍ଥା କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସୁଙ୍କି ଫାଣ୍ଡି ଉପରେ ୪ଟି ପଞ୍ଚାୟତ ବାଦ୍ ରାଲେଗଡା ପଞ୍ଚାୟତର କିଛି ଗ୍ରାମ ନିର୍ଭର କରେ। ଉକ୍ତ ଅଞ୍ଚଳ ମାଓବାଦୀ ପ୍ରବଣ ଦର୍ଶାଇ ଫାଣ୍ଡି ଅଧିକାରୀ ପ୍ରତିଦିନ ସନ୍ଧ୍ୟାରେ କୋରାପୁଟ ଫେରିଯାଉଥିବା ଜଣାପଡ଼ିଛି। ଏହାର ସୁଯୋଗରେ ରାତି ବେଳେ ଚୋରା କାରବାର ବଢୁଛି। ଏନେଇ ଏସ୍‌ପି କନୱର ବିଶାଳ ସିଂଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଉପରୋକ୍ତ ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ସତ୍ୟାସତ୍ୟ ଲୋକଲୋଚନକୁ ଅଣାଯିବ। ଅଞ୍ଚଳବାସୀ ପୋଲିସର ଉଚିତ୍ ସେବା ପାଇବା ନେଇ ମଧ୍ୟ ଗୁରୁତ୍ୱ ଦିଆଯିବ।

# କିକ୍ ବକ୍ସିଂରେ ଚନ୍ଦନଙ୍କୁ ବ୍ରୋଞ୍ଜ



ପୁରସ୍କାର ଗ୍ରହଣ ସମୟରେ ଚନ୍ଦନଙ୍କ ସହ ଅନ୍ୟମାନେ।

ସେମିଳିଗୁଡ଼ା,୧୪।୯(ସ୍ୱ.ପ୍ର.)

ସୁନାବେଡ଼ା ସହରସ୍ଥିତ ଭି.ଏସ୍ ବିଦ୍ୟାଳୟର ଛାତ୍ର ଚନ୍ଦନ ଡାକୁଆ ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପରେ ବ୍ରୋଞ୍ଜ ପଦକ ହାସଲ କରିଥିବାରୁ ସହରରେ ଗଭୀର ଆନନ୍ଦ ପ୍ରକାଶ ପାଇଛି। ଅଖିଳ ଭାରତ କିକ୍ ବକ୍ସିଂ ଆସୋସିଏଶନ୍ ପକ୍ଷରୁ ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ୍ ଗୋଆର ବିପିଏସ୍ ସ୍ପୋର୍ଟସ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ଜୁନିୟର ଓ ସବ୍ ଜୁନିୟର ପୁରୁଷ ଏବଂ ମହିଳା ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡ୍ରାଗନ୍ ଟାଇଗର ସୁଟ୍‌ଜୋନ କରାଟେ ଟୁ ଇଣ୍ଡିଆ ଇଣ୍ଟରନ୍ୟାଶନାଲ , ଜୟପୁର ଇଣ୍ଡିଆ ଚିଫ୍ ଇନ୍‌ଷ୍ଟ୍ରକ୍ଟର ଏନ୍ ସୂର୍ଯ୍ୟନାରାୟଣଙ୍କ ନିକଟରେ ପ୍ରଶିକ୍ଷଣ ନେଉଥିବା କୋରାପୁଟ ସୁନାବେଡ଼ାର ଚନ୍ଦନ ଡାକୁଆ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ଏହାସହ ସେ ଭୁବନେଶ୍ୱରସ୍ଥ ପୁମାସ୍ ସ୍ପୋର୍ଟ କ୍ଲବରେ ପ୍ରଶିକ୍ଷଣ ନେଉଥିଲେ। ଚନ୍ଦନ କିକ୍ ବକ୍ସିଂରେ ଗୋଟିଏ ଏବଂ ମ୍ୟୁଜିକାଲ ଫୋରମରେ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରସ୍କାର ପ୍ରଦାନ ସମାରୋହରେ ପୁମାସ ସ୍ପୋର୍ଟ୍ କ୍ଲବ୍ ଅଧ୍ୟକ୍ଷ ଏସ୍ଏସ୍ ହରିଶ୍ଚନ୍ଦନ ଓ ସମ୍ପାଦକ ପଦ୍ମନ ବେହେରା ଉପସ୍ଥିତ ଥିଲେ।

## ■ ବିଲ୍ଟ ପେପର ମିଲ ଡିଜିଏମ୍ କାର୍ଯ୍ୟାଳୟ ଘେରିଲେ କର୍ମଚାରୀ

ଜୟପୁର,୧୪।୯(ନି.ପ୍ର.)

ଜୟପୁର ବିଲ୍ଟ ପେପର ମିଲ ଫାଟକ ଖୋଲିବା ପାଇଁ କର୍ମଚାରୀମାନେ ଡିଜିଏମ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ପେପର ମିଲ ବନ୍ଦ ହୋଇ ୩ମାସ ବିତି ଯାଇଥିଲେ ବି ବିଲ୍ଟ କର୍ତ୍ତୃପକ୍ଷ କିଛି ପଦକ୍ଷେପ ନେଉନାହାନ୍ତି। ଶୁକ୍ରବାର ପେପର ମିଲ ଫାଟକ ଖୋଲିବା ପାଇଁ ୩ଟି ସଂଘର କର୍ମକର୍ତ୍ତା ଓ କର୍ମଚାରୀମାନେ ଡିଜିଏମ୍‌ଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ମିଲ ଉପରେ ଆଲୋଚନା କରିବାକୁ ଯାଇ ଘେରାଉ କରିଥିଲେ । ପରେ ସମାଧାନ କିଛି ନହେବାରୁ ଆନ୍ଦୋଳନରେ ବସିଥିଲେ। ଆସନ୍ତା ୧୮ କିମ୍ବା ୧୯ ତାରିଖରେ ଜିଲା ଶ୍ରମ ଅଧିକାରୀଙ୍କ ଉପସ୍ଥିତିରେ ଏ ସମ୍ପର୍କରେ ଆଲୋଚନା ହେବା ପାଇଁ ସ୍ଥିର ହୋଇଛି । ୨୦୧୭ ମେ ୩୦ ତାରିଖରେ ବନ୍ଦ ହୋଇଥିବା ମିଲ ପୁଣିଥରେ ଚାଲିବା ପାଇଁ ଚୁକ୍ତିନାମା ହୋଇଥିଲା। ସେହି ଚୁକ୍ତିନାମାରେ ସମସ୍ତେ ସହମତି ଦେଖାଇଥିବା ବେଳେ ମିଲର ବିଏମ୍ଏସ୍ ସଂଘ ବିରୋଧ କରୁଛି। ମିଲ ଚାଲିବା ସମୟରେ ଏହି ସଂଘ ନିରବ ରହି ବର୍ତ୍ତମାନ ଆନ୍ଦୋଳନ କରି ମିଲ ବନ୍ଦ କରିଦେଲେ । ବର୍ତ୍ତମାନ ମିଲ ଚଲାଇବାକୁ ବୈଠକ ଆସୁନାହାନ୍ତି କି ସହଯୋଗ ମଧ୍ୟ କରୁନଥିବାରୁ ମିଲ ଖୋଲିବା ପାଇଁ ଅସୁବିଧା ହେଉଛି।








ପାରଳାଖେମୁଣ୍ଡି ଜଙ୍ଗମସାହି


ପାରଳାଖେମୁଣ୍ଡି ରାଜପ୍ରାସାଦ ନିକଟ ମଣ୍ଡପ ।


ରାୟଗଡ ବ୍ଲକ ସଦରସ୍ଥ ଓଡ଼ିଆ ସାହି


ପାରଳାଖେମୁଣ୍ଡି ଶବର ସାହି


ପାରଳାଖେମୁଣ୍ଡି ନାଇଡୁ ଷ୍ଟ୍ରିଟ୍ ।


କାଶୀନଗର ସାନମାଦଳା ସାହି


ପାରଳାଖେମୁଣ୍ଡି ଖଞ୍ଜାସାହି ଷ୍ଟ୍ରିଟ୍।


କୋରାପୁଟ ଅମିନ ଲେନ୍‌ରେ ମାଛ ଆକୃତିରେ କରାଯାଇଥିବା ଗଣେଶ ମୂର୍ତ୍ତି ।


କୋରାପୁଟ ଏଲ୍‌ଆଇସି କଲୋନୀ

## ସଂକ୍ଷେପରେ

### ଅପରେଶନ ପରୀ-୨
### ଗଜପତି ଜିଲାରେ ୪୩ ଶିଶୁ ଉଦ୍ଧାର

ପାରଳାଖେମୁଣ୍ଡି, ୧୪।୯(ସ୍ୱ.ପ୍ର.)- ଗଜପତି ଜିଲାରେ ଚାଲିଥିବା ଅପରେଶନ ପରୀ-୨ ଅଭିଯାନ କ୍ରମେ ମୋଟ ୪୩ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଥିବା ଶିଶୁ କଲ୍ୟାଣ ସମିତି ପକ୍ଷରୁ ସୂଚନା ମିଳିଛି। ଅପରେଶନ ଆଉ ଗୋଟିଏ ଦିନ ବାକି ରହିଥିବାବେଳେ ଏପର୍ଯ୍ୟନ୍ତ ବିଭିନ୍ନ ବ୍ଲକ ଓ ଥାନା ଅଞ୍ଚଳରୁ ଏହି ଶିଶୁମାନେ ଉଦ୍ଧାର ହୋଇଛନ୍ତି । ଗତ ୪ତାରିଖରେ ୨୩ଜଣ ଶିଶୁ ଉଦ୍ଧାର ହୋଇଥିଲେ। ତନ୍ମଧ୍ୟରୁ ପାରଳାଖେମୁଣ୍ଡି ଥାନା ପକ୍ଷରୁ ୧୯ ଏବଂ ଆର୍.ଉଦୟଗିରି ଥାନା ଦ୍ୱାରା ୪ଜଣଙ୍କୁ ଉଦ୍ଧାର କରାଯାଇଥିଲା। ସେହିପରି ଗତ ୫ତାରିଖରେ କାଶୀନଗର ଥାନା ପକ୍ଷରୁ ଜଣେ ଶିଶୁ ଉଦ୍ଧାର ହୋଇଥିଲେ। ୬ତାରିଖରେ ୧୩ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ମୋହନା ଥାନା ଦ୍ୱାରା ୭ ଓ ପାରଳାଖେମୁଣ୍ଡି ଥାନା ପକ୍ଷରୁ ୬ଜଣ ଶିଶୁ ଉଦ୍ଧାର ହୋଇଥିଲେ। ୭ତାରିଖରେ ୬ଶିଶୁ ଉଦ୍ଧାର ହୋଇଥିଲେ। ତନ୍ମଧ୍ୟରୁ ଗୁରାଣ୍ଡି ଥାନା ଅଞ୍ଚଳରୁ ଜଣେ ଓ ଗାରାବନ୍ଧ ଥାନା ଦ୍ୱାରା ୫ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା । ସମସ୍ତଙ୍କୁ ଜିଲା ଶିଶୁ କଲ୍ୟାଣ ସମିତିରେ ଉପସ୍ଥାପନ କରାଯାଇଥିଲା । ଉଦ୍ଧାର ୪୩ଜଣ ଶିଶୁଙ୍କ ମଧ୍ୟରୁ ବିହାରର ୬, ଖୋର୍ଦ୍ଧା ଓ ରାୟଗଡା ଜିଲାର ଜଣେ ଲେଖାଏ ଶିଶୁ ଥିବା ଜଣାପଡିଛି । ଏମାନଙ୍କୁ ସେମାନଙ୍କ ନିଜ ଅଞ୍ଚଳକୁ ପଠାଇବାର ବ୍ୟବସ୍ଥା କରାଯିବ। ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ଡିପ୍ଲୋମା ପାଠ ପଢାଇବାର ବ୍ୟବସ୍ଥା ହେବ ବୋଲି ଜିଲା ଶିଶୁ କଲ୍ୟାଣ ସମିତି ଅଧକ୍ଷ ବିନୋଦ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି । ଆସନ୍ତା ୧୫ ତାରିଖ ପରେ ଏକ ଟିମ୍ ଗଠନ କରାଯାଇ ଜିଲା ଓ ରାଜ୍ୟ ବାହାରକୁ ପଠାଯାଇ ଶିଶୁମାନଙ୍କ ଅନୁସନ୍ଧାନ କରାଯିବ।

### ଦୁର୍ଘଟଣାରେ ଜଣେ ମୃତ

ଶେରଗଡ,୧୪।୯(ଡି.ଏନ୍.ଏ.) ଗଞ୍ଜାମ ଜିଲା ଶେରଗଡ ବ୍ଲକ ନଇବନ୍ଧ ଗ୍ରାମ ଛକରେ ଗୁରବାର ସନ୍ଧ୍ୟାରେ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମିହିରିକଣା ଗ୍ରାମର ଅଲେଖ ନାୟକ। ପ୍ରକାଶ ଯେ, ଗୋଠଗାଁର ନଣ୍ଡା ସୁଆସିଆ ବାଇକ(ଓଡି୦୭ଏମ୍-୨୩୩୭)ଯୋଗେ ସନ୍ଧ୍ୟାରେ ଗାଁଙ୍କୁ ଫେରୁଥିବାବେଳେ ନଇବନ୍ଧ ଗ୍ରାମ ଛକରେ ଅଲେଖଙ୍କୁ ଧକ୍କା ଦେଇଥିଲେ। ହିଞ୍ଜିଳି ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶେରଗଡ ଆଇଆଇସି ବିଶ୍ୱରଞ୍ଜନ ନାୟକ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ.୭୯/୨୦୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ଉପାନ୍ତ ଅଞ୍ଚଳ ପ୍ରତି ରେଳ କର୍ତ୍ତୃପକ୍ଷ ଉଦାସୀନ

## ପୂର୍ବତଟ ମହାପ୍ରବନ୍ଧକଙ୍କୁ ସ୍ମାରକପତ୍ର ପ୍ରଦାନ

ପାରଳାଖେମୁଣ୍ଡି, ୧୪।୯(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ଦେଇ ଯାଇଥିବା ନୌପଡା-ପାରଳାଖେମୁଣ୍ଡି-ଗୁଣୁପୁର ରେଳପଥ ପ୍ରାୟ ୯୦କିମି ଦୂରତା ବିଶିଷ୍ଟ ହୋଇଥିବାବେଳେ ବର୍ତ୍ତମାନ ଆନ୍ଧ୍ରର ଟେକାଲି ବ୍ୟତୀତ ଉକ୍ତ ରେଳପଥର ଅନ୍ୟ ସମସ୍ତ ଅଞ୍ଚଳ ଗମନାଗମନ ବିହୀନ ହୋଇରହିଛି । ଆନ୍ଧ୍ର-ଓଡିଶା ଉପାନ୍ତ ଅଞ୍ଚଳର ୩ଟି ଜିଲା ଗଜପତି, ରାୟଗଡା ଓ ଆନ୍ଧ୍ରର ଶ୍ରୀକାକୁଲମ ଦେଇ ଏହି ୯୦ କିମି ରେଳପଥ ଯାଇଛି। ଉକ୍ତ ଅଞ୍ଚଳଗୁଡ଼ିକରୁ ୩ ଲୋକସଭା ଓ ଜଣେ ରାଜ୍ୟସଭା ସାଂସଦ ପ୍ରତିନିଧିତ୍ୱ କରୁଛନ୍ତି । ସେମାନେ ହେଲେ କୋରାପୁଟ ଲୋକସଭା ଏମ୍‌ପି ଝିନ୍ନ ହିକକା, ରାୟଗଡା ଏମ୍‌ପି ଏନ୍. ଭାସ୍କର ରାଓ, ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଏବଂ ଆନ୍ଧ୍ରର ଶ୍ରୀକାକୁଲମ୍ ଏମ୍‌ପି କେ. ରାମମୋହନ ନାଇଡୁ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ରେଳ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଏହି ଅଞ୍ଚଳର ରେଳପଥ ବିକାଶ କାର୍ଯ୍ୟ ଧିମେଇ ଯାଇଛି। ଉକ୍ତ ରେଳପଥ ଉପାନ୍ତ ଅଞ୍ଚଳର ଜୀବନ ରେଖା ଭାବେ ପରିଚିତ। ପ୍ରତିଦିନ ହଜାର ହଜାର ଯାତ୍ରୀ ଏହା ଉପରେ ନିର୍ଭର କରିଥାନ୍ତି। ଆନ୍ଧ୍ରର ବିଶାଖାପାଟଣା ନିକଟ କୋତାବାଲାସାଠାରେ ସିଗନାଲ୍ ମରାମତି ଯୋଗୁ ଗତ ୧୦ତାରିଖଠାରୁ ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଏହି ରୁଟ୍‌ରେ ଚାଲୁଥିବା ପୁରୀ-ଗୁଣୁପୁର, ଗୁଣୁପୁର-ପଲାସା ଇତ୍ୟାଦି ଟ୍ରେନ୍‌କୁ ବାତିଲ କରାଯାଇଛି । ବର୍ତ୍ତମାନ ପୁରୀ ଷ୍ଟେଶନରେ ସିଗନାଲ ମରାମତି କାର୍ଯ୍ୟ ହେଉଥିବାରୁ ୧୯ରୁ ୨୫ତାରିଖ ପର୍ଯ୍ୟନ୍ତ ଟ୍ରେନ ଚଳାଚଳ ବାତିଲ କରାଯିବ ବୋଲି ଜଣାପଡ଼ିଛି। ଫଳରେ ଯାତ୍ରୀମାନେ ଅସୁବିଧା ଭୋଗିବେ। ଏ ନେଇ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ ଗୁରୁବାର ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଉମେଶ ସିଂଙ୍କ ନିକଟକୁ ସ୍ମାରକପତ୍ର ପଠାଇଛନ୍ତି । ଗୁଣୁପୁର-ପୁରୀ ଟ୍ରେନ୍‌କୁ ଗୁଣୁପୁରରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଚଳାଚଳ ଓ ଭୁବନେଶ୍ୱର-ପଲାସା ଦ୍ୱିତୀୟ ଡିଏମ୍‌ୟୁକୁ ଗୁଣୁପୁର ପର୍ଯ୍ୟନ୍ତ ସଂପ୍ରସାରଣ କରିବା ପାଇଁ ଏଥିରେ ଅନୁରୋଧ କରାଯାଇଛି। ସେହିପରି ଗଜପତି ଜିଲା ଖବରଦାତା ସଂଘ ପକ୍ଷରୁ ମଧ୍ୟ ଏକ ସ୍ମାରକପତ୍ର ପଠାଯାଇଛି।


ଶୁଭଖୁଣ୍ଟି ସ୍ଥାପନ କରାଯାଉଛି ।

# ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ପୋତାଗଲା

ପାରଳାଖେମୁଣ୍ଡି, ୧୪।୯(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଖଞ୍ଜାସାହିରେ ଗଜପତି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେଉଥିବା ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଚଳିତ ବର୍ଷ ଏହି ଅନୁଷ୍ଠାନ ୩୯ତମ ଦୁର୍ଗାପୂଜା ପାଳନ କରିବ। ଏଥର ପୂଜା ପାଇଁ ମୋଟ ୫ଲକ୍ଷ ଟଙ୍କାର ବଜେଟ ରଖାଯାଇଛି। ମୂର୍ତ୍ତି ଗଢିବାକୁ ବ୍ରହ୍ମପୁରରୁ ଶିଳ୍ପୀମାନେ ଆସିବେ। ପଞ୍ଚମୀଠାରୁ ଦଶମୀ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ସେହିପରି ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯିବ। ଶୁଭଖୁଣ୍ଟି ସ୍ଥାପନ ବେଳେ ସଭାପତି ଗରୁଡଧ୍ୱଜ ଚୌଧୁରୀ, ସମ୍ପାଦକ ଏ. ରାମୁଲୁ, କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ଦାସ, ଜି. ଚନ୍ଦ୍ରଶେଖର, ବି. ତ୍ରିପାଠୀ, ବି.ନାଗରାଜୁ ପ୍ରମୁଖ ଉପସ୍ଥିତ ଥିଲେ ।

# କଂଗ୍ରେସ କର୍ମୀଙ୍କ ସହ ବରିଷ୍ଠ ନେତାଙ୍କ ଆଲୋଚନା

ପାରଳାଖେମୁଣ୍ଡି, ୧୪।୯(ସ୍ୱ.ପ୍ର.)


କଂଗ୍ରେସର ବରିଷ୍ଠ କର୍ମକର୍ତ୍ତାଙ୍କ ସହ ଗଜପତି ଜିଲାର ଯୁବକର୍ମୀ ।

ଗଜପତି ଜିଲାର ଯୁବ କଂଗ୍ରେସ କର୍ମୀଙ୍କ ସହ ବରିଷ୍ଠ ନେତାମାନେ ପାରଳାଖେମୁଣ୍ଡିର ବିଭିନ୍ନ ସମସ୍ୟା ନେଇ ବ୍ରହ୍ମପୁରରେ ଅନୁଷ୍ଠିତ ବୈଠକରେ ଆଲୋଚନା କରିଛନ୍ତି । ପାରଳାଖେମୁଣ୍ଡିରେ କଂଗ୍ରେସର ସ୍ଥିତି, ପୌରପରିଷଦ ଅଧୀନ ବିଭିନ୍ନ ୱାର୍ଡରେ ଥିବା ସମସ୍ୟା ଏବଂ କର୍ମୀମାନଙ୍କୁ କିପରି ଏକାଠି କରାଯାଇ ଦଳକୁ ଅଧିକ ସକ୍ରିୟ ଓ ମଜବୁତ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ଏଆଇସିସି ସାଧାରଣ ସମ୍ପାଦକ ଅନୀଲ ଚୌଧୁରୀ, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ପ୍ରଦୀପ ମାଝୀ, ସୂର୍ଯ୍ୟ ନାରାୟଣ ପାତ୍ର, କୃଷ୍ଣ କୁମାର ବେହେରା, ସନ୍ତୋଷ ପାତ୍ର, ସୁଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ଗାଁ ସାଥୀ ସଂଘର ବୈଠକ

ରାୟଗଡ (ଗଜପତି), ୧୪।୯ (ଡି.ଏନ.ଏ.)- ଗଜପତି ଜିଲା ରାୟଗଡ ବ୍ଲକ ସଦରସ୍ଥ ହାଟପଦାରେ ଗାଁ ସାଥୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧ଟି ପଞ୍ଚାୟତର ଗାଁ ସାଥୀ ଉପସ୍ଥିତ ଥିବା ବେଳେ ତୁବୁରୁସିଂ ଗ୍ରାମର ଗାଁ ସାଥୀ କୃଷ୍ଣଚନ୍ଦ୍ର ଖଣ୍ଡପାତ୍ର ସଭାପତିତ୍ୱ କରିଥିଲେ। ବୈଠକରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ନେଇ ବିଡିଓଙ୍କୁ ଏକ ସ୍ମାରକପତ୍ର ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିସହ ଏକ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରେ ଜିଲା ସଂଘ ସଭାପତି ପଞ୍ଚୁ ନାୟକ, ସମ୍ପାଦକ ସନ୍ନ୍ୟାସୀ କାର୍ଜୀ, ଆର୍.ଉଦୟଗିରି ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ଭୂୟାଁ, ଜିଲା କମିଟି ସଦସ୍ୟ ଅଜିତ କୁମାର ବୀର ଏବଂ ଇପନେସ୍ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହରିଶ୍ଚନ୍ଦ୍ର ଭୂମଲ, ଜୁନେଶ ରଇତ ସହଯୋଗ କରିଥିଲେ।

# ଡାକ୍ତରଖାନାରେ ଅବ୍ୟବସ୍ଥା, ଆନ୍ଦୋଳନ ଚେତାବନୀ

ଚନ୍ଦ୍ରଗିରି,୧୪।୯(ଡି.ଏନ୍.ଏ.)
ଚନ୍ଦ୍ରଗିରି ମେଡିକାଲରେ ବିଭିନ୍ନ ଅବ୍ୟବସ୍ଥା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବଣିକ ସଂଘ ସଭାପତି ଜନରଞ୍ଜନ ପଟ୍ଟନାୟକ ଏବଂ କିଛି ସଚେତନ ନାଗରିକ ମେଡିକାଲ ପରିଦର୍ଶନ କରିଛନ୍ତି। ବିଭିନ୍ନ ଅବ୍ୟବସ୍ଥା ଓ ରୋଗୀଙ୍କ ସମସ୍ୟା ବୁଲି ଦେଖିବା ସହ ଯଦି ଏଭଳି ସମସ୍ୟା ଲାଗିରହେ ଚନ୍ଦ୍ରଗିରି ବଣିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗ ପରେ ଚଳିତମାସ ଶେଷ ରବିବାର ସୁଦ୍ଧା ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ମେଡିକାଲ ଇନ୍‌ଚାର୍ଜ ତଥା ପ୍ରସୂତି ବିଶେଷଜ୍ଞ ବାଲ୍‌ଗୋପାଲ ବେହେରାଙ୍କୁ ଯୋଗାଯୋଗ କରିବାରୁ ମେଡିକାଲ ସମସ୍ୟା ସୁଧାରିବାକୁ ଚେଷ୍ଟା ଜାରି ରହିଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ।

▪ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ କେ. ସୂରିୟା ରାଓ

# କୃଷ୍ଣଚନ୍ଦ୍ର ଗଜପତିଙ୍କ ନାମରେ ହେଉ ସରକାରୀ ଯୋଜନା

ପାରଳାଖେମୁଣ୍ଡି, ୧୪।୯(ସ୍ୱ.ପ୍ର.)

ଗଜପତି ଜିଲାର ଗର୍ବ ଓ ଗୌରବ ପାରଳା ମହାରାଜା ସ୍ୱର୍ଗତଃ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ନାମରେ ରାଜ୍ୟ ସରକାର ଯେକୌଣସି ଏକ ଯୋଜନାକୁ ନାମିତ କରନ୍ତୁ ବୋଲି ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ ଗୁରୁବାର ଏକ ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିବେଦନ କରିଛନ୍ତି । ଗତ ୬ତାରିଖରେ ବିଧାନସଭାର ମୌସୁମୀ ଅଧିବେଶନ ଚାଲିଥିବାବେଳେ କୃଷ୍ଣଚନ୍ଦ୍ର ଗଜପତିଙ୍କ ନାମରେ ଯେକୌଣସି ସରକାରୀ ଯୋଜନା କରାଯାଉ ବୋଲି ବିଧାୟକ ରାଓ ପ୍ରଶ୍ନ ମାଧ୍ୟମରେ ଦାବି ରଖିଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି । ତେବେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ଉଷାଦେବୀ ଏହି ପ୍ରଶ୍ନର ଉତ୍ତର ଦେଇ ସରକାରଙ୍କ ନିକଟରେ ଏଭଳି କୌଣସି ପ୍ରସ୍ତାବ ନାହିଁ ବୋଲି କହିଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ତଥା ଓଡ଼ିଆ ଭାଷା ପାଇଁ ସ୍ୱର୍ଗତଃ ମହାରାଜାଙ୍କ ଅବଦାନ ଅତୁଳନୀୟ। ସେ ଉତ୍କଳ ପ୍ରଦେଶର ପ୍ରଥମ ଓ ଏକମାତ୍ର ପ୍ରଧାନମନ୍ତ୍ରୀ ରହିଥିଲେ। ରାଜ୍ୟରେ କୌଣସି ଯୋଜନା ତାଙ୍କ ନାମରେ ନାମିତ କରାଗଲେ ତାହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ କୃଷ୍ଣଚନ୍ଦ୍ରଙ୍କ ନାମରେ ଏକ ସରକାରୀ ଯୋଜନା ନାମିତ କରିବା ପାଇଁ ପୂର୍ବରୁ ବରିଷ୍ଠ ନାଗରିକମାନଙ୍କ ପକ୍ଷରୁ ମଧ୍ୟ ଦାବି ହୋଇଆସୁଛି। ରାଜ୍ୟ ସରକାର ଏହାକୁ ଦୃଷ୍ଟିରେ ରଖି ତ୍ୱରିତ ପଦକ୍ଷେପ ନେବାକୁ ଗଜପତି ଜିଲାବାସୀ ନିବେଦନ ଜଣାଇଛନ୍ତି ।

### ଶିଶୁ କଲ୍ୟାଣ ସମିତିରେ ଉଦ୍ଧାର ନାବାଳକ ହାଜର

ପାରଳାଖେମୁଣ୍ଡି, ୧୪।୯(ସ୍ୱ.ପ୍ର.)- ଗଜପତି ଜିଲା କାଶୀନଗର ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା ଜଣେ ୧୪ବର୍ଷୀୟ ନାବାଳକଙ୍କୁ ଗୁରୁବାର ଜିଲା ଶିଶୁ କଲ୍ୟାଣ ସମିତିରେ ହାଜର କରାଯାଇଛି । ଘଟଣାରୁ ପ୍ରକାଶ ଯେ, କାଶୀନଗର ଅଞ୍ଚଳର ଏହି ନାବାଳକ ଗତ ଅଗଷ୍ଟ ୧୪ତାରିଖରୁ ବୁଲିବା ପାଇଁ କହି ଘରୁ କେଉଁଆଡେ ଚାଲିଯାଇଥିଲେ । ତେବେ ତାଙ୍କ ପରିବାରବର୍ଗ ଖୋଜାଖୋଜି କରି ନ ପାଇବାରୁ ୨୨ତାରିଖରେ କାଶୀନଗର ଥାନାରେ ଏତଲା ଦେଇଥିଲେ। ପରେ ନାବାଳକ ଜଣକ ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିବା ଜଣାପଡିଥିଲା। ତାଙ୍କୁ ପରିବାରବର୍ଗ ସେଠାରୁ ଆଣି କାଶୀନଗର ପୋଲିସ ପାଖରେ ହାଜର କରିଥିଲେ । ପୋଲିସ ଓ ପ୍ରଭା ଚାଇଲ୍ଡ ଲାଇନ ମିଳିତ ଭାବେ ତାଙ୍କୁ ଶିଶୁ କଲ୍ୟାଣ ସମିତି କାର୍ଯ୍ୟାଳୟରେ ହାଜର କରିଛନ୍ତି। ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ମୁକ୍ତ ଆଶ୍ରୟକେନ୍ଦ୍ରରେ ରଖାଯାଇଛି ବୋଲି ସମିତିର ସଦସ୍ୟା ଅନୀତା ମିଶ୍ର କହିଛନ୍ତି।

# କଟିକା ସାହିରେ କବିଚନ୍ଦ୍ର ପାଠାଗାର ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୧୪।୯(ସ୍ୱ.ପ୍ର.)


ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକ କେ. ସୂରିୟା ରାଓ ଏବଂ ଅନ୍ୟମାନେ।

ଗଜପତି ଜିଲା ପାରଳାଖେମୁଣ୍ଡି ପୌରପରିଷଦ ପକ୍ଷରୁ କଟିକା ସାହିରେ ଶୁକ୍ରବାର କବିଚନ୍ଦ୍ର ପାଠାଗାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ ଯୋଗଦେଇ ନୂତନ ପାଠାଗାରକୁ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ସ୍ଥାନୀୟ ବାସିନ୍ଦା ଅବସର ବିନୋଦନ କରିବା ସହ ଜ୍ଞାନ ଆରୋହଣ କରିବାର ସୁଯୋଗ ପାଇପାରିବେ ବୋଲି ବିଧାୟକ ରାଓ କହିଥିଲେ । ପାଠାଗାର ନିର୍ମାଣ ନିମନ୍ତେ ୩ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ହୋଇଥିବାବେଳେ ବିଧାୟକ ପାଣ୍ଠିରୁ ୨ଲକ୍ଷ ଏବଂ ସ୍ୱତନ୍ତ୍ର ପାଣ୍ଠିରୁ ୧ଲକ୍ଷ ୫୦ହଜାର ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପୌରପରିଷଦ ଉପାଧ୍ୟକ୍ଷ ସଞ୍ଜୟ କୁମାର ଅଧିକାରୀ, ସ୍ଥାନୀୟ କାଉନସିଲର ଶକୁନ୍ତଳା ବେହେରା, ବିଧାୟକ ପ୍ରତିନିଧି କେ.ରାମସ୍ୱାମୀ, କଂଗ୍ରେସ ନେତା ଦେବେନ୍ଦ୍ର ଦାସ, ଗରୁଡଧ୍ୱଜ ଚୌଧୁରୀ, ବସନ୍ତ ପଣ୍ଡା, କୃଷ୍ଣ ବେହେରା, ଜେ.ଭାର୍ଗବ ପ୍ରମୁଖ ଉପସ୍ଥିତ ଥିଲେ । ଦୀର୍ଘଦିନ ଧରି ଅଞ୍ଚଳବାସୀ ଏକ ଆଧୁନିକ ପାଠାଗାର ନିର୍ମାଣ ପାଇଁ ଦାବି କରି ଆସୁଥିଲେ । ଏବେ ସେମାନଙ୍କ ଦାବି ପୂରଣ ହୋଇଥିବାରୁ ଖୁସି ପ୍ରକାଶ ପାଇଛି।